OPPO Reno7 5G
2023.05.01 14:06

ପ୍ରେସ୍ ନୋଟ୍

# ଆନ୍ତଃର୍ଜାତିକ ଶ୍ରମିକ ଦିବସ-୨୦୨୩ ପାଳିତ ।

ଅନୁଗୋଳ,ତା.୦୧.୦୫: ଆଜି ପୂର୍ବାହ୍ନରେ ଆନ୍ତଃର୍ଜାତିକ ଶ୍ରମିକ ଦିବସ-୨୦୨୩ ସ୍ଥାନୀୟ ସଭାଘର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନ ସଭାର ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ଏବଂ ମଞ୍ଚାସିନ ଅତିଥିଗଣ ପ୍ରଦୀପ ପ୍ରଜ୍ଜଳନ କରି ଶୁଭାରମ୍ଭ କରିଥିଲେ । ଜିଲ୍ଲାରେ ନିର୍ମାଣ ଶ୍ରମିକ ଏବଂ ଅଣସଂଗଠିତ ଶ୍ରମିକ ମାନଂକ ପାଇଁ ରାଜ୍ୟ ସରକାର ବହୁ କଲ୍ୟାଣମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଂକର ସୁରକ୍ଷା, ଆର୍ଥିକ ଉନ୍ନତି ଇତ୍ୟାଦି ନିମନ୍ତେ ପ୍ରୟାସ ରତ । ପଞ୍ଜିକୃତ ଶ୍ରମିକମାନଙ୍କର ନିଜ ପାଇଁ ଏବଂ ପରିବାର ପାଇଁ ସ୍ୱାସ୍ଥ୍ୟ,ଶିକ୍ଷା କ୍ଷେତ୍ରରେ ସହାୟତା ଏବଂ ଦୁର୍ଘଟଣାଜନିତ କ୍ଷତିପୂରଣ ଇତ୍ୟାଦି ନିମନ୍ତେ ଅର୍ଥ ସିଧାସଳଖ ଭାବେ ବ୍ୟାଙ୍କ ମାଧ୍ୟମରେ ସହାୟତା ରାଶି ପ୍ରଦାନ କରାଯାଉଛି, ଏଣୁ ପ୍ରତ୍ୟେକ କର୍ମଜିବୀ ସେ ସଂଗଠିତ କିମ୍ବା ଅଣସଂଗଠିତ କ୍ଷେତ୍ରର ହୁଅନ୍ତୁ ବ୍ଲକ୍ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ନିଜର ପରିଚୟ ପତ୍ର ସହ ମୋବାଇଲ ନମ୍ବର ଇତ୍ୟାଦି ସରକାରଂକ ନିକଟରେ ଦାଖଲ କରିବା ନିହାତି ଜରୁରୀ ଯାହା ଫଳରେ କୌଣସି ଅଘଟଣ ସମୟରେ ସରକାରଂକ ସହାୟତା ନିଆଯାଇପାରିବ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ । ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ଶ୍ରମିକମାନଂକ କଲ୍ୟାଣ ଉଦ୍ଦେଶ୍ୟରେ ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଚିନ୍ତାକରି ଯେଉଁ ଯୋଜନାଗୁଡିକ ପ୍ରଣୟନ କରିଛନ୍ତି ତାହା କିପରି ସମସ୍ତ ଶ୍ରମିକ ଶ୍ରେଣୀର ଉପଭୋକ୍ତାଙ୍କ ନିକଟରେ ପହଂଚିପାରିବ ତାର ସୁବନ୍ଦୋବସ୍ତ ପାଇଁ ସମସ୍ତ ସରକାରୀ ଅଧିକାରୀମାନଂକୁ ନିର୍ଦ୍ଦେଶ ଦେଇଛନ୍ତି । ଜଣେ ଚାକିରି ପଛରେ ନ ଗୋଡାଇ ଛୋଟ ଛୋଟ ବ୍ୟବସାୟ କଲେ ମଧ୍ୟ ପାଞ୍ଚଟି ପରିବାର ଭରଣପୋଷଣ କରିବାର ମଧ୍ୟ କ୍ଷମତା ହାସଲ କରିପାରିବ, ତେଣୁ ନିର୍ମାଣ ଶ୍ରମିକମାନଂକୁ ଅନୁରୋଧ ନିଜ ପିଲାମାନଂକ ପାଇଁ ଶିକ୍ଷା କ୍ଷେତ୍ରରେ ଯେଉଁ ସହାୟତା ପ୍ରଦାନ କରାଯାଉଛି ତାହାର ପ୍ରକୃତ ଉପଯୋଗ କରି ପିଲାମାନଂକୁ ଶିକ୍ଷିତ କରି ଚାକିରି ପଛରେ ନ ଗୋଡାଇ ବ୍ୟବସାୟ କ୍ଷେତ୍ରରେ ମନୋନିବେଶ କରିବାକୁ ସେ ପ୍ରବର୍ତ୍ତାଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କହିଥିଲେ ଏହି ଦିବସ କେବଳ ଆମ ଓଡିଶାରେ ନୁହେଁ ସାରା ବିଶ୍ୱରେ ଆଜିର ଦିନରେ ପାଳିତ ହେଉଛି । ଦେଶ ଭିତରେ ହେଉ କିମ୍ବା ବିଦେଶକୁ ରୋଜଗାର ଉଦ୍ଦେଶ୍ୟରେ ଗଲେ ମଧ୍ୟ

[illegible]କାରଂକ ପାଖରେ ନିଜର ନାମ ଠିକଣା ପଞ୍ଜିକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ନିକଟ ଅତିତରେ ସୁଦାନ ଗୃହ ଯୁଦ୍ଧରେ ଫସିଥିବା ୬ ଜଣ ଓଡିଆ ଯୁବକଂକୁ ଉଦ୍ଧାର କରାଯାଇ ଆମ ରାଜ୍ୟକୁ ଅଣାଯାଇପାରିଛି ଏହା କେବଳ ପଞ୍ଜିକରଣର ସ୍ୱଛତା ଥିବାରୁ ସମ୍ଭବ ହୋଇପାରିଛି । ଜିଲ୍ଲା ଶ୍ରମ ଆଯୁକ୍ତ ଇତିଶ୍ରୀ ଗାଗରାଇ ସ୍ୱାଗତ ଭାଷଣ ଦେଇଥିଲେ । ସହକାରୀ ଶ୍ରମ ଅଧିକାରୀ ଶ୍ରୀ ଦେବ ପ୍ରସାଦ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ଆଜିର ସଭାରେ ୨୦୨୨-୨୩ ଆର୍ଥିକ ବର୍ଷରେ ବିବାହ, ପ୍ରସୁତି,ଶିକ୍ଷା,ମୃତ୍ୟୁ ସହାୟତା ଓ ଶବ ଦାହ ସହାୟତା ବାବଦରେ ମୋଟ ୧ କୋଟି ୪୪ ଲକ୍ଷ ୨୦ ହଜାର ଟଂକା ୫ଟି ବ୍ଲକ୍ ଯଥା- ଅନୁଗୋଳ, ଛେଣ୍ଡିପଦା, ବଅଁରପାଳ,ଆଠମଲ୍ଲିକ ଓ କିଶୋରନଗରର ଉପଭୋକ୍ତାମାନଂକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା । ଏହି ବର୍ଷର ମୋଟ ନୂତନ ପଞ୍ଜିକୃତ ଶ୍ରମିକଂକ ସଂଖ୍ୟା ୮୦୭୫ ହୋଇଥିବା ସ୍ଥଳେ ଅନୁଗୋଳ ଜିଲ୍ଲାରେ ମୋଟ ୫୧ ହଜାର ୬୮୫ ଜଣ ପଞ୍ଜିକୃତ ଶ୍ରମିକ ଥିବାର ଜଣାପଡିଛି । ଯେଉଁମାନଂକୁ ଅତିତରେ ଅନୁଗୋଳ ଜିଲ୍ଲା ଶ୍ରମ ଆଯୁକ୍ତଂକ ତରଫରୁ ୯ କୋଟି ୩୨ ଲକ୍ଷ ୬୧ ହଜାର ୬୦୦ ଟଂକାର ସହାୟତା ରାଶି ପ୍ରଦାନ କରାଯାଇଛି । ଜିଲ୍ଲାରେ ଶିଶୁ ଶ୍ରମିକମାନଂକ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା ସେଥିମଧ୍ୟରୁ ୨୨ ଜଣ ଶିଶୁଂକୁ ଉଦ୍ଧାର କରାଯାଇଥିଲା ଏବଂ ୯ ଜଣଂକ ବିରୁଦ୍ଧରେ ଆଇନ୍ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ସଭାରେ ଅନ୍ୟମାନଂକ ମଧ୍ୟରେ ବିଭିନ୍ନ ଶିଳ୍ପାନୁଷ୍ଠାନର ଟ୍ରେଡ ୟୁନିୟନର କର୍ମକର୍ତ୍ତା, ଅନୁଗୋଳ ଶ୍ରମ ଜିଲ୍ଲାରୁ ଆସିଥିବା ମହିଳା ଓ ପୁରୁଷ ଶ୍ରମିକ, ଜିଲ୍ଲା ଶ୍ରମ ବିଭାଗର କର୍ମଚାରୀ,ଗଣମାଧ୍ୟମର ପ୍ରତିନିଧି ଓ ସୁରକ୍ଷା କର୍ମିମାନେ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା ୩୨୦ ତା. ୦୧.୦୫.୨୦୨୩ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ଆନ୍ତର୍ଜାତିୟ ଶ୍ରମିକ ଦିବସ- ୨୦୨୩
OPPO Reno7 5G
2023.05.01 12:43


OPPO Reno7 5G
2023.05.01 11:17


Fifty Thousand Only (Marriage Assistance)
50000/-
OPPO Reno7 5G
2023.05.01 12:39


OPPO Reno7 5G
2023.05.01 11:17